# Akashvani, Sambalpur

## SAMBALPURI NEWS EVENING BULLETIN

## 4 August 2026-7.02- 7.12 pm.

---

୧- ଓଡ଼ିଶା ଗସ୍ତର୍ ୨ ନମ୍ବର୍ ଦିନେ ବ୍ରହ୍ମପୁର୍‌ର ତପ୍ତପାଣି ଠାନେ ମା କନ୍ଧୁଣୀ ଦେବୀ ମନ୍ଦିର୍ ନ ପୂଜା ପାଠ୍ କଲେ ରାଷ୍ଟ୍ରପତି ।

୨- ରାଜ୍ୟସଭା ନ ପାରିତ୍ ହେଲା ଜନ୍ମ ଆଉ ମୃତ୍ୟୁ ପଞ୍ଜିକରଣ୍ ସଂଶୋଧନ୍ ବିଧେୟକ୍-୨୦୨୬ ।

୩- ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଓଡ୍ରାଫ୍‌କେ-ଏସ୍.ଡି.ଆର.ଏଫ୍ ଭାବେ ଉନ୍ନିତ୍ କରାଯିବାର୍‌କେ ନିଷ୍ପତି ।

ଆଉର୍

୪- ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦିପିକାର୍ ଗୌରବ୍‌ମୟ ଇତିହାସ୍‌କେ ସୋର୍ କରିକରି ଆଏଜ୍ ପାଲନ୍ କରାଯାଉଛେ ଓଡ଼ିଆ ସାମ୍ବାଦିକତା ଦିବସ୍ ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ ଭୁବ୍‌ନେଶ୍ୱର୍ ନୁ ଗୁଟେ ଖାସ୍ ଟ୍ରେନ୍‌ଥି ବ୍ରହ୍ମପୁର୍ ଯାଇଥିଲେ । ତପ୍ତପାଣି ଠାନେ ମା କନ୍ଧୁଣୀ ଦେବୀ ମନ୍ଦିର୍ ଆଉ ଶିବମନ୍ଦିର୍ ନ ରାଷ୍ଟ୍ରପତି ପୂଜାପାଠ୍ କରିଛନ୍ ।
ରାଷ୍ଟ୍ରପତି ଗୋପାଲ୍‌ପୁର୍ ପ୍ରତିରକ୍ଷା ବାୟୁସେନା କଲେଜ୍ ନ ରାତ୍ରୀ ଯାପନ୍ କର୍‌ବେ । ଆଏବା କାଏଲ୍ ରାଷ୍ଟ୍ରପତି ଖାସ୍ ଟ୍ରେନ୍‌ଥି ଭୁବ୍‌ନେଶ୍ୱର୍ ଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟସଭା ଏନ୍‌ଏସ୍‌ଡି

ରାଜ୍ୟସଭା ନ ଆଏଜ୍ ଜନ୍ମ ଆଉ ମୃତ୍ୟୁ ପଞ୍ଜିକରଣ୍ (ସଂଶୋଧନ୍) ବିଲ୍ -୨୦୨୬କେ ଅନୁମୋଦନ୍ ମିଲ୍‌ଲା ଉତ୍‌ରୁ ସଂସଦ୍ ନ ପାରିତ୍ ହେଇଛେ । ଲୋକ୍‌ସଭା ନ ଆଘୋନୁ ଇ ବିଲ୍ ପାସ୍ ହେଇସାରିଛେ । କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଇ ବିଲ୍‌କେ ଆଗତ୍ କରିକରି କହିଛନ୍, ଇଟା ଜନ୍ମ ଆଉ ମୃତ୍ୟୁ

ପଞ୍ଜିକରଣ୍ ଆଇନ୍ ୧୯୬୯ କେ ସଂଶୋଧନ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ବିଲମ୍ବିତ୍ ପଞ୍ଜିକରଣ୍‌କେ ବନ୍ଦ୍ କର୍‌ବାର୍ ଲାଗି ଇ ବିଲ୍‌ଥି ବ୍ୟବସ୍ଥା ରହିଛେ । ଘଟ୍‌ନା ଘଟ୍‌ବାର୍ ବଛ୍‌ରେ ଅଏତ୍‌କା କି ୨ ବଛର୍ ଭିତ୍‌ରେ ରିପୋର୍ଟ ହେଲେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର୍ ଅନୁମୋଦନ୍ ଦର୍‌କାର୍ ହେବା । ଆଉ ୨ ବଛର୍‌ନୁ ଅଏତ୍‌କା ହେଲେ ପହେଲା ଶ୍ରେଣୀ ବିଚାର୍ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କର୍ ନିର୍ଦ୍ଦେଶ୍ ଲାଗ୍‌ବା । ସବୁ ଜନ୍ମ, ମୃତ୍ୟୁର୍ ସଠିକ୍ ଆଉ ଠିକ୍ ସମିଆଥି ପଞ୍ଜିକରଣ୍‌କେ ସୁନିଶ୍ଚିତ୍ କର୍‌ବାର୍ ଆଉ ଅପବ୍ୟବହାର୍‌କେ ଅଟ୍‌କବାର୍‌ଟା ଇତାର୍ ଉଦ୍ଦେଶ୍ୟ ଆଏ ବଲି ମନ୍ତ୍ରୀ ଶ୍ରୀ ରାୟ କହିଛନ୍ । ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ଗୃହ ବାଧାପ୍ରାପ୍ତ ହେବାର୍‌ନୁ ଆଏବାକାଏଲ୍ ସଖାଲର୍ ୧୧ ବଜେତକ୍ ଗୃହ କାର୍ଯ୍ୟ ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ ।

ସେଆଡ଼େ ଲୋକ୍‌ସଭା ନ ଭିଲ୍ ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ରହେବାର୍‌ନୁ ବାଚସ୍ପତି ଓମ୍ ବିର୍ଲା ଖେପ୍ ଖେପ୍ କରି ଆଏବା କାଏଲ୍ ସଖାଲର୍ ୧୧ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରଛନ୍ ।

ରାଜ୍ୟସଭା- ଖାଦ୍ୟଶସ୍ୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ଖାଦ୍ୟ ସୁରକ୍ଷା ଚିଠା ସଂଶୋଧନ୍ ବିଲ୍ ଉପ୍ରେ ରାଜ୍ୟ ସର୍କାର୍‌ଙ୍କର୍ ଠାନୁ ମତାମତ୍ ମଗାଯାଇଛେ ବଲି କେନ୍ଦ୍ର ଉପଭୋକ୍ତା, ବ୍ୟାପାର୍, ଖାଦ୍ୟ ଆଉ ଯୋଗାଣ୍ ମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ କହିଛନ୍ । ରାଜ୍ୟସଭା ନ ଆଏଜ୍ ପ୍ରଶ୍ନକାଳ ସମିଆଥି ଗୁଟେ ଅତିରିକ୍ତ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ଯୋଷୀ କହିଛନ୍, ଇ ପ୍ରସ୍ତାବିତ୍ ସଂଶୋଧନ୍ ବିଲ୍‌ଥି କେନ୍‌ସି ରାଜ୍ୟ ଆଉ ହିତାଧିକାରୀମାନ୍‌କର୍ ଖାଦ୍ୟ ଶସ୍ୟ ଯୋଗାଣ କମ୍ କରା ନାଇଁ ଯାଏ । ସୁଷମ ଆଉ ସମାନ୍ ବଂଟନ୍‌କେ ସୁନିଶ୍ଚିତ୍ କର୍‌ବାର୍ ଇ ଚିଠା ବିଲ୍‌ର ଆଉ ଗୁଟେ ଉଦ୍ଦେଶ୍ୟ ଆଏ ବଲି ଶ୍ରୀ ଯୋଷୀ ଗୃହ ନ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ଗରିବ୍ କଲ୍ୟାଣ୍ ଅନ୍ନ ଯୋଜ୍‌ନା ଅଧୀନ୍‌ଥି ୮୧ କୋଟି ହିତାଧିକାରୀଙ୍କୁ ମାହାଲିଆ ଖାଦ୍ୟ ଶସ୍ୟ ଯୁଗେଇ ଦିଆଯାଉଛେ । ଯୋଜ୍‌ନା ଅଧୀନ୍‌ଥି ହିତାଧିକାରୀ ପରିବାର୍‌କେ ଫି' ମାସେ ୩୫ କେଜି ଖାଦ୍ୟ ଶସ୍ୟ ମାହାଲିଆ ଯୁଗେଇ ଦିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ଯୋଷୀ କହିଛନ୍ ।

ଓଡ଼ିଶା ବନ୍ୟା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଏଢ଼୍‌ ଥିତିଥି ସୁଧାର୍‌ ଆସ୍‌ବାର୍‌କେ ଲାଗିଛେ । ମହାନଦୀ ସହେତେ ଭିନ୍‌ ଭିନ୍‌ ଶାଖା ନଦୀ ମାନ୍‌କର୍‌ ଜଲସ୍ତର୍‌ କମିଛେ । ସର୍‌କାର୍‌ଙ୍କର୍‌ ତର୍‌ଫୁ କ୍ଷୟକ୍ଷତିର୍‌ ଆକଲନ୍‌ କରାଯାଇକରି ଗଲାକାଏଲ୍‌ ଶହେ ୧୦ କୋଟି ଟଙ୍କାର୍‌ ପହେଲା ଖେପ୍‌ ସାହାଜ୍‌ ଘୋଷ୍‌ନା କରାଯାଇଛେ । ଇହାଦେତକ୍‌ ତଲିଆ ଅଂଚଲ୍‌ନୁ ପୁରାପୁରି ଭାବେ ବଏଢ଼୍‌ ପାଏନ୍‌ ନିଷ୍କାସନ୍‌ ନାଇଁ ହେଇଥିବାର୍‌ନୁ ବହୁତ୍‌ଟେ ପରିବାର୍‌ ବିସ୍ଥାପିତ୍‌ ହେଇକରି ରହିଛନ୍‌ ।

ସେଆଡ଼େ ହୀରାକୁଦ୍‌ ଜଲ୍‌ଭଣ୍ଡାର୍‌ ଜଲ୍‌ସ୍ତର୍‌ ଆଏଜ୍‌ ସଞ୍ଜର ୬ ବଜେତକ୍‌ ୬ ଶହ ୧୭ ଦଶ୍‌ମିକ୍‌ ୪/୧ ଫୁଟ୍‌ ରହିଥିଲା । ଇହାଦେ ୧୩ ଟା ଗେଟ୍‌ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍‌ ୩୭ ହଜାର୍‌ ୪୪ ଘନଫୁଟ୍‌ ପାଏନ୍‌ ଛଡ଼ାଯାଉଥିବାର୍‌ ବେଲେ ୭୪ ହଜାର୍‌ ୯ ଶହ ୬୪ ଘନଫୁଟ୍‌ ପାଏନ୍‌ ଆସୁଛେ ।

ରାଏଜେ ଆଏବା ଶନିବାର୍‌ତକ୍‌ ଭିନ୍‌ ଭିନ୍‌ ଜିଲ୍ଲା ନ ବର୍ଷା ହେବାର୍‌ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସାଙ୍ଗେ ଜବର୍‌ ବର୍ଷା ହେବା ବଲି ରାଜ୍ୟର୍‌ ପାଖାପାଖି ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି

କରାଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ ଝାରସୁଗୁଡ଼ା ଜିଲ୍ଲା ନ ସବୁନୁ ଅଏତ୍‌କା ଶହେ ୧୪ ଦଶ୍‌ମିକ୍ ୩ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ ।

ଅନୁ ଗର୍ଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ବଏଢ୍ ଉତ୍‌ରର୍ ପରିସ୍ଥିତିକେ ନେଇକରି ଗୁଟେ ସଚିବ ସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିକରି କହିଛନ୍, ସାଧାରଣ୍ ଲୁକ୍‌କୁ ରିଲିଫ୍ ଆଉ କ୍ଷୟକ୍ଷତିର ଭରନା ଉପ୍‌ରେ ଦେବାର୍‌କେ ପ୍ରାଥମିକତା ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ସବୁ ବିଭାଗ୍‌କେ ସହଯୋଗ୍ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା ହେଇଛେ । ବୈଠକ୍‌ଥି ନିଶାମୁକ୍ତ ଆଉ ସାଇବର୍ ଅପରାଧ୍‌କେ ରୁକ୍‌ବାର୍ ବାବ୍‌ଦେ ଭିନ୍ ଭିନ୍ କାର୍ଯ୍ୟପନ୍ଥା ନେବାର୍ ବାବ୍‌ଦେ ଜୋର୍ ଦିଆଯାଇଛେ ।

ରଥଚକ        ପୁରୀ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୌଜନ୍ୟମୂଳକ୍ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ପାଢ଼ୀ ରାଷ୍ଟ୍ରପତି ଭବନ୍ ନ ରଥଯାତ୍ରାର୍ ତିନ୍‌ହି ରଥର୍ ଗୁଟେ ଲେଖା ପବିତ୍ର ଚକାକେ ଥାପ୍‌ନା କର୍‌ବାର୍ ଲାଗି ପ୍ରସ୍ତାବ୍ ଦେଇଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଇଥି ସହମତି ଦେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ଓଡ୍ରାଫ୍- ଏସ୍.ଡି.ଆର.ଏଫ        ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଓଡ୍ରାଫ୍‌କେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ- ଏସ୍.ଡି.ଆର.ଏଫ୍ ଭାବେ ଉନ୍ନିତ୍ କରାଯିବା । ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଓଡ୍ରାଫ୍ ଲାଗି ଖାସ୍ ବାଟାଲିୟନ୍ ଗଠନ୍

କରାଯିବାର୍ ସହେତେ ତାର୍ ନେତୃତ୍ୱ ଲାଗି ଝନେ ଅଧିକାରୀଙ୍କୁ ନିଯୁକ୍ତ କରାଯିବା । ନୂଆଁ ୧୦ ଟା ୟୁନିଟ୍ ସହେତେ ମୋଟ୍ ୩୦ ଟା ୟୁନିଟ୍ ରାଜ୍ୟର୍ ଭିନ୍ ଭିନ୍ ଜରୁରୀ ଜାଗା ମାନ୍‌କେ ରହେବେ । ଆଉ ନୂଆଁ ବିପର୍ଯ୍ୟୟ ପରିଚାଲନା ଭବନ୍ ନ ଇତାର୍ ମୁଖ୍ୟାଳୟ ରହେବା । ଇହାଦେର୍ ବଏଢ୍ ସମିଆଥି ଓଡ୍ରାଫ୍‌ର କାମ୍‌କେ ପ୍ରଶଂସା କରିକରି ମନ୍ତ୍ରୀ କହିଛନ୍, ଗଲା ୪ ତାରିଖ୍‌ତକ୍ ୯ ଟା ଜିଲ୍ଲା ନ ପାଖାପାଖି ୪ ଶହ ୯୦ ଘଂଟା ଧରିକରି ଲଗାଏତ୍ ସେବା ଦିଆଯାଇଛେ । ଆଏବା ଦିନେ ଓଡ୍ରାଫ୍ ଲାଗି ଓସ୍‌ଡମା ଆଉ ପୁଲିସ୍ ବିଭାଗ୍ ସହଯୋଗ୍‌ଥି ଗୁଟେ ନୂଆଁ ଏସ୍‌ଓପି ପ୍ରସ୍ତୁତ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଆ ସାମ୍ବାଦିକତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮୬୬ ମସିହା ଆଝିର୍ ଦିନେ ବାହାରିଥିଲା ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦୀପିକା । ଓଡ଼ିଶାର୍ ଜନଜୀବନ୍‌କେ ବାଟ୍ କଢ଼ାବାର୍‌ଥି ଉତ୍କଳ ଦୀପିକାର୍ ଅବଦାନ୍‌କେ ସୋର୍ କରିକରି ଆଝିର୍ ଦିନ୍‌କେ ଓଡ଼ିଆ ସାମ୍ବାଦିକତା ଦିବସ୍ ଭାବେ ପାଳନ୍

କରାଯାଉଛେ । ଉତ୍କଳ ଦୀପିକା ପହେଲା ସାପ୍ତାହିକ୍ ଆଉ ତାର୍ ଉତ୍ରୁ ଦୈନିକ୍ ଖବର୍ କାଗଜ୍ ଭାବେ ପ୍ରକାଶିତ୍ ହେଉଥିଲା । ଗୌରୀଶଙ୍କର୍ ରାୟ ଇତାର୍ ପହେଲା ସମ୍ପାଦକ୍ ଥିଲେ । ଉତ୍କଳ ଦିପିକା ଯୁକ୍ତିନିଷ୍ଠ, ସରଳ୍, ସୁଗମ୍ ଆଉ ପ୍ରାସଙ୍ଗିକ ଖବର୍ ଲାଗି ପରିଚିତ ଥିଲା । ୧୯୩୬ ମସିହାଥି ଇତାର୍ ପ୍ରକାଶନ୍ ବନ୍ଦ୍ ହେଇଯାଇଥିଲେ ଭିଲ୍ ଓଡ଼ିଆ ସାମ୍ବାଦିକତାର୍ ଇତିହାସ୍ ଇତାର୍ ବିନା ପୁରାପୁରି ଅଧୁରା ଆଏ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଓଡ଼ିଆ ସାମ୍ବାଦିକତା ଦିବସ୍ ଅବ୍‌ସରେ ସାମ୍ବାଦିକ୍ ମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଗଣତନ୍ତ୍ରର ୪ ନମ୍ବର୍ ସ୍ତମ୍ଭ ଭାବେ ସତ୍ୟ, ନିରପେକ୍ଷତା ଆଉ ଜନସ୍ୱାର୍ଥକେ ସବୁନୁ ଅଏତ୍‌କା ପ୍ରାଧାନ୍ୟ ଦେଇକରି ସମାଜ୍‌କେ ଦିଗ୍‌ଦର୍ଶନ୍ ଦଉଥିବା ସାମ୍ବାଦିକ୍‌ମାନ୍‌କର୍ ନିଷ୍ଠା, ତ୍ୟାଗ ଆଉ ଅବଦାନ୍ ପ୍ରଶଂସନୀୟ ଆଏ ବଲି କହିଛନ୍ ।

ଆଏଜ୍ ଓଡ଼ିଆ ସାମ୍ବାଦିକ୍‌ତା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି କହିଛନ୍, ସାଧାରଣ୍ ଲୁକଙ୍କର୍ ସ୍ୱର ଆଉ ଗଣତନ୍ତ୍ରର୍ ୪ ନମ୍ବର୍ ସ୍ତମ୍ଭ ଭାବେ ଲୁକଙ୍କର୍ କଲ୍ୟାଣ୍, ଓଡ଼ିଆ ଭାଷା ସାହିତ୍ୟର୍ ପ୍ରଚାର୍ ଲାଗି ସମ୍ବାଦପତ୍ରର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ଉତ୍କଳ ଦୀପିକାନୁ ମୁଲ୍ ହେଇଥିବା ଓଡ଼ିଆ ସାମ୍ବାଦିକତାର୍ ଗୌରବ୍‌ମୟ ଯାତ୍ରା, ଜନଜାଗରଣ୍, ସମାଜ୍ ପରିବର୍ତ୍ତନ୍ ଆଉ ଓଡ଼ିଆ ଅସ୍ମିତାକେ ବର୍‌କସ୍ କରିଆସିଛେ ।

ବସ୍ ସେବା ସମ୍ବଲପୁର ସମ୍ବାଦଦାତା

ଯାତ୍ରୀମାନ୍‌କର୍ ସୁବିଧା ଲାଗି ଓଡ଼ିଶା ରାଜ୍ୟ ସଡ଼କ୍ ପରିବହନ୍ ନିଗମ୍ ଓ.ଏସ୍.ଆର୍.ଟି.ସି. ସମ୍ବଲ୍‌ପୁର୍ ଡିଭିଜନ୍ ତରଫୁ ସମ୍ବଲ୍‌ପୁର୍ ଆଉ ବିଶାଖାପାଟ୍‌ନମ୍ ଭିତ୍‌ରେ ଗୁଟେ ନୂଆଁ ସବୁଦିନିଆ ସିଧାସଲଖ୍ ବସ୍‌ସେବା ମୁଲ୍ କରାଯାଇଛେ । ଫି' ଦିନ ଇ ବସ୍ ବର୍‌ଗଡ଼୍, ବଲାଙ୍ଗିର୍, ଭବାନୀପାଟ୍‌ନା ଆଉ ପାର୍ବତୀପୁରମ୍ ଦେଇକରି ଯାତ୍ରା କର୍‌ବା । ସମ୍ବଲ୍‌ପୁର୍‌ନୁ ବେଲ୍‌ବୁଡ଼ର୍ ୭ ବଜେ ବାହାରିକରି ଆର ଦିନ ସଖାଲର୍ ୬ ବାଜିକରି ୨୫ ମିନିଟ୍‌ଥି ବିଶାଖାପାଟ୍‌ନମ୍ ପୁହୁଁଚିବା । ସେନ୍ତା ବିଶାଖାପାଟ୍‌ନମ୍‌ନୁ ବେଲ୍‌ବୁଡ଼ର୍ ୭ ବାଜିକରି ୫ ମିନିଟ୍‌ଥି ବାହାରିକରି ଆରଦିନ ସଖାଲର୍ ୬ ବାଜିକରି ୨୫ ମିନିଟ୍‌ଥି ସମ୍ବଲ୍‌ପୁରେ ପହଁଚିବା । ଯାତ୍ରୀମାନେ ଓଏସ୍‌ଆର୍‌ଟିସି

ୱେବ୍‌ସାଇଟ୍ ନାହେତ ମୋବାଇଲ୍ ଆପ୍ ଜରିଏ ଟିକେଟ୍ ବୁକିଂ କରିପାର୍‌ବେ ।

## ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତର୍‌ଫୁ କୁରୁମ୍‌କେଲି ନ ଗୁଟେ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ଆଉ ଜନସମ୍ପର୍କ ଶିବିର୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପୁଲିସ୍ ଅଧିକାରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନେ ଯୋଗ୍ ଦେଇଥିଲେ । ପୋକ୍‌ସୋ ଆଇନ୍, ସଡ଼କ୍ ସୁରକ୍ଷା, ସାଇବର୍ ଅପରାଧ୍ ଆଉ ଇଲାକା ନ ବଢୁଥିବା ଅବୈଧ ଗଞ୍ଜେଇ ଚାଷ୍ ଆଉ ଚୁରାଚାଲାଣ୍‌କେ ରୁକ୍‌ବାର୍ ବାବ୍‌ଦେ ବକ୍ତାମାନେ ବିସ୍ତୃତ୍ ଆଲୋଚନା କରିଥିଲେ ।

## ନିଶାମୁକ୍ତି ଶପଥ୍ ଅଭିଯାନ ନୂଆପଡ଼ା ସମ୍ବାଦଦାତା

ନିଶାମୁକ୍ତ ଭାରତ୍ ଅଭିଯାନ୍ ଆଉ ମିଶନ୍ ସ୍ପନ୍ଦନ୍ ଅନ୍ତର୍ଗତ ୧୦ କୋଟି ନିଶାମୁକ୍ତି ଶପଥ୍ ଅଭିଯାନ୍‌ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଏଜ୍ ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନିଶାମୁକ୍ତ ସମାଜ୍ ଗଠନ୍ ଲାଗି ସମ୍‌କର୍ ସଚେତନତା ଆଉ ସକ୍ରିୟ ସହଯୋଗ୍ ଦର୍‌କାର୍ ବଲି କହିଛନ୍ । ଇ ଅବ୍‌ସରେ ନିଶାମୁକ୍ତ ଭାରତ୍ ବାବଦ୍ ଗୁଟେ ସଚେତନତା ପୋଷ୍ଟର୍ ଭିଲ୍ ଉନ୍ମୋଚନ୍ କରାଯାଇଛେ ।